# NATIONAL NEWS BULLETIN (ODIA)

**2 July - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆୟୋଜିତ ଭାରତ-ଜାପାନ ବାର୍ଷିକ ଶିଖର ସମ୍ମିଳନୀରେ ଯୋଗଦେଲେ ଉଭୟ ଦେଶର ପ୍ରଧାନମନ୍ତ୍ରୀ

- ବିଭିନ୍ନ କ୍ଷେତ୍ର ପାଇଁ ସ୍ୱାକ୍ଷରିତ ହେଲା ବୁଝାମଣାପତ୍ର ।

- ଦେଶବ୍ୟାପୀ କାର୍ଯ୍ୟକାରୀ ହେଲା କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଯୋଜନା-୨୦୨୬ ।

- ବେଙ୍ଗାଲୁରୁର ଏକ ପଥର ଖଣିରେ ଦୁର୍ଘଟଣାଘଟି ୭ ଜଣ ଶ୍ରମିକଙ୍କର ମୃତ୍ୟୁ ।

- ୟୁକ୍ରେନ୍‌ର କିଭ୍ ଅଞ୍ଚଳରେ ରୁଷିଆର ଆକାଶମାର୍ଗ ଆକ୍ରମଣରେ ପ୍ରାଣ ହରାଇଲେ ୧୩ଜଣ ।

ଏବଂ

- ଫିଫା ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତାରେ ବୋସ୍‌ନିଆ ହର୍ଜେଗୋଭିନାକୁ ୨-୦ ଗୋଲ୍‌ରେ ପରାସ୍ତ କଲା ଆମେରିକା ।

# ଜାପାନ-ପିଏମ୍ ଭିଜିଟ୍

ନୂଆଦିଲ୍ଲୀରେ ଆୟୋଜିତ ଭାରତ-ଜାପାନ ବାର୍ଷିକ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ତାଙ୍କ ଜାପାନ ପ୍ରତିପକ୍ଷ ସାନାୟେ ତାକାଇଚି ଅଂଶଗ୍ରହଣ କରିଛନ୍ତି । ଦ୍ୱିପାକ୍ଷିକ ସହଯୋଗର ବିଭିନ୍ନ କ୍ଷେତ୍ରକୁ ସମୀକ୍ଷା କରିବା ସହ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଏବଂ ବୈଶ୍ୱିକ ପ୍ରସଙ୍ଗରେ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା ହେଉଛି । ଉଭୟ ନେତାଙ୍କ ମଧ୍ୟରେ ଏହି ଆଲୋଚନା ପରିପ୍ରେକ୍ଷିରେ ଦୁଇଦେଶ ମଧ୍ୟରେ କେତେକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ପୂର୍ବରୁ ଆଜି ରାଷ୍ଟ୍ରପତି ଭବନ ପ୍ରାଙ୍ଗଣରେ ଜାପାନ ପ୍ରଧାନମନ୍ତ୍ରୀ ତାକାଇଚିଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉପସ୍ଥିତ ଥିଲେ ।

ଭାରତକୁ ତିନିଦିନିଆ ଗସ୍ତରେ ଆସି ଜାପାନ ପ୍ରଧାନମନ୍ତ୍ରୀ ତାକାଇଚି ଗତ ସଂଧ୍ୟାରେ ନୂଆଦିଲ୍ଲୀରେ ପହଞ୍ଚିଥିଲେ । ଏହା ଭାରତକୁ ତାଙ୍କର ପ୍ରଥମ ସରକାରୀ ଗସ୍ତ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ଭାରତ-ଜାପାନ ମଧ୍ୟରେ ଜାରି ରହିଥିବା ସ୍ୱତନ୍ତ୍ର ରଣନୈତିକ ଏବଂ ବୈଶ୍ୱିକ ଭାଗିଦାରୀକୁ ଆଗକୁ ବଢ଼ାଇବା ଦିଗରେ ଜାପାନ ପ୍ରଧାନମନ୍ତ୍ରୀଙ୍କର ଏହି ଗସ୍ତ ଅନେକ ଗୁରୁତ୍ୱପୂର୍ଣ୍ଣ ।

ଆମ ସମ୍ବାଦଦାତାଙ୍କ ରିପୋର୍ଟ ଅନୁଯାୟୀ ଅର୍ଥନୀତିକ ସୁରକ୍ଷା ଦୁଇଦେଶ ମଧ୍ୟରେ ସଂପର୍କର ଏକ ପ୍ରମୁଖ ସ୍ତମ୍ଭ ଭାବେ ଉଭା ହୋଇଛି । ୨୦୨୪

ନଭେମ୍ବର ମାସରେ ଟୋକିଓରେ ଅନୁଷ୍ଠିତ ପ୍ରଥମ ଅର୍ଥନୈତିକ ସୁରକ୍ଷା ବୈଠକରେ ଉଭୟ ପକ୍ଷ ୫ଟି ପ୍ରମୁଖ କ୍ଷେତ୍ରରେ ରଣନୈତିକ ସହଯୋଗ ଲାଗି ସମ୍ମତି ପ୍ରଦାନ କରିଥିଲେ । ସେଗୁଡ଼ିକ ହେଲା ସେମିକଣ୍ଡକ୍ଟର, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ଔଷଧ, ସ୍ୱଚ୍ଛ ଶକ୍ତି ଏବଂ ସୂଚନା ଓ ଯୋଗାଯୋଗ ଜ୍ଞାନକୌଶଳ । ନିକଟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଫ୍ରାନ୍ସରେ ଅନୁଷ୍ଠିତ ଜି-୭ ସମ୍ମିଳନୀ ଅବସରରେ ଜାପାନ ପ୍ରଧାନମନ୍ତ୍ରୀଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ମତ ବିନିମୟ କରିଥିଲେ । ଏହାଛଡ଼ା ଗତବର୍ଷ ନଭେମ୍ବର ମାସରେ ଜୋହାନ୍ସବର୍ଗଠାରେ ଅନୁଷ୍ଠିତ ଜି-୨୦ ସମ୍ମିଳନୀରେ ମଧ୍ୟ ଦୁଇ ନେତାଙ୍କ ମଧ୍ୟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଛି । ଭାରତ ଓ ଜାପାନ ସଂପର୍କକୁ ଅଧିକ ସଶକ୍ତ କରିବା ଦିଗରେ ଉଚ୍ଚସ୍ତରୀୟ ରାଜନୈତିକ ପ୍ରତିବଦ୍ଧତା ଏହା ଦ୍ୱାରା ପ୍ରତିଫଳିତ ହେଉଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଇପିଏଫ୍ ସ୍କିମ୍ ୨୦୨୬-ନୋଟିଫାଏଡ

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି - ଇପିଏଫ୍ ଯୋଜନା ୨୦୨୬ କାର୍ଯ୍ୟକାରୀ ହୋଇଛି । ଇପିଏଫ୍ ଯୋଜନା ୧୯୫୨ ପରିବର୍ତ୍ତେ ଏହି ନୂତନ ଯୋଜନା କାର୍ଯ୍ୟକାରୀ କରାଯାଇଛି । ଏ ସଂକ୍ରାନ୍ତ ଗେଜେଟ ବିଜ୍ଞପ୍ତି ଗତ ୨୯ ତାରିଖରେ ପ୍ରକାଶିତ ହୋଇଛି । ଡିଜିଟାଲ ଅନୁପାଳନକୁ ସଶକ୍ତ କରିବା

ସହିତ ପ୍ରଶାସନିକ ଦକ୍ଷତାରେ ଉନ୍ନତି ଏବଂ ନୂତନ ଶ୍ରମକୋଡ ସହିତ ସମନ୍ୱୟ ମାଧ୍ୟମରେ ଭବିଷ୍ୟନିଧି ପାଣ୍ଠି ଢ଼ାଞ୍ଚାକୁ କାର୍ଯ୍ୟକ୍ଷମ କରିବାରେ ଏହି ନୂତନ ଯୋଜନା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ । ଯୋଜନା ଅନୁଯାୟୀ କର୍ମଚାରୀ ଏବଂ ନିଯୁକ୍ତିଦାତାଙ୍କ ଠାରୁ ମଜୁରୀର ୧୨ ପ୍ରତିଶତ ଇପିଏଫ୍ ପାଣ୍ଠିରେ ଜମା କରିବା ଅପରିବର୍ତ୍ତିତ ରହିଥିବାବେଳେ କେନ୍ଦ୍ର ସରକାରଙ୍କ ଦ୍ୱାରା ଅଧିସୂଚିତ ପ୍ରତିଷ୍ଠାନ ଗୁଡ଼ିକରେ ପୂର୍ବଭଳି ୧୦ ପ୍ରତିଶତ ହାର ଜାରି ରହିବ । ତେବେ ଯୋଜନା ଅଧୀନରେ ଇପିଏଫ୍‌ଓ ସଦସ୍ୟ ଚିକିତ୍ସା, ଶିକ୍ଷା, ବିବାହ, ଗୃହନିର୍ମାଣ ଏବଂ ଅନ୍ୟାନ୍ୟ କେତେକ ମୌଳିକ ଆବଶ୍ୟକତା ପାଇଁ ପାଣ୍ଠି ଉଠାଇ ପାରିବେ । ତେବେ ସର୍ବନିମ୍ନ ପାଣ୍ଠି ଏବଂ ଅନ୍ୟାନ୍ୟ ନିର୍ଦ୍ଧାରିତ ସର୍ତ୍ତାବଳୀ ଆଧାରରେ ଏହି ପାଣ୍ଠି ଉଠାଣ ପାଇଁ ଅନୁମତି ପ୍ରଦାନ କରାଯିବାକୁ ଯୋଜନାରେ ଉଲ୍ଲେଖ ରହିଛି । ଇପିଏଫ୍ ଯୋଜନାରେ ଅଧିକ ସ୍ୱଚ୍ଛତା ଆଣିବା ଏବଂ ପାଣ୍ଠି ପରିଚାଳନାକୁ ଅଧିକ ସୁ-ବ୍ୟବସ୍ଥିତ କରିବା ଲକ୍ଷ୍ୟ ନେଇ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯାଇଥିବା ଜଣାପଡିଛି ।

## ଇଣ୍ଡିଆ-ୟୁଏନ୍ କନ୍‌ଭେନସନ

ଆନ୍ତର୍ଜାତିକ ଆତଙ୍କବାଦ ପ୍ରସଙ୍ଗ ଉପରେ ବ୍ୟାପକ ସମ୍ମିଳନୀ ଆୟୋଜନ ସଂକ୍ରାନ୍ତ ଭାରତର ପ୍ରସ୍ତାବକୁ ଜାତିସଂଘ ସାଧାରଣ ପରିଷଦରେ ସମର୍ଥନ

ମିଳିଛି । ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ପି. ହରିଶ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଆନ୍ତର୍ଜାତିକ ସ୍ତରରେ ଆଇନ୍‌ଗତ ଢ଼ାଞ୍ଚା ପ୍ରସ୍ତୁତ ନଥିବାରୁ ବିଶ୍ୱ ଆତଙ୍କବାଦ ବିରୋଧୀ ପ୍ରୟାସ ଦୁର୍ବଳ ହେଉଥିବା ପରିଷଦ ବୈଠକରେ ଅଂଶଗ୍ରହଣକାରୀ ସବୁ ରାଷ୍ଟ୍ର ସହମତ ହୋଇଛନ୍ତି । ଆତଙ୍କବାଦ ମୁକାବିଲାରେ କୌଣସି ଦ୍ୱୈତ ମାନଦଣ୍ଡ ରହିବା ଉଚିତ୍ ନୁହେଁ ବୋଲି ଶ୍ରୀ ହରିଶ କହିଛନ୍ତି । ଆତଙ୍କବାଦୀ, ଆତଙ୍କବାଦ କାର୍ଯ୍ୟକଳାପ ଏବଂ ଏଥିପାଇଁ ସହାୟତା ପ୍ରଦାନ କରୁଥିବା ବ୍ୟକ୍ତି ଏବଂ ଅନୁଷ୍ଠାନକୁ ଦାୟୀ କରାଯିବା ଉପରେ ଶ୍ରୀ ହରିଶ ଗୁରୁତ୍ୱପ୍ରଦାନ କରିଛନ୍ତି । ଆତଙ୍କବାଦ ନିରୋଧ କ୍ଷେତ୍ରରେ ଅନ୍ତର୍ଜାତୀୟ ସହଯୋଗ, ବିଚାର ଏବଂ ପ୍ରତ୍ୟର୍ପଣକୁ ଏହି ସମ୍ମିଳନୀ ମଜଭୁତ କରିବ ବୋଲି ଆଶା କରାଯାଉଛି । ଭାରତର ପ୍ରସ୍ତାବ ୧୪୦ଟି ଭୋଟ୍‌ର ସମର୍ଥନ ସହ ଗୃହୀତ ହୋଇଥିବା ଶ୍ରୀ ହରିଶ ସୂଚନା ଦେଇଛନ୍ତି ।

## ଜୟପୁର : ଇ-ଗଭର୍ଣ୍ଣାନ୍ସ କନ୍‌ଫରେନ୍ସ

ରାଜସ୍ଥାନର ଜୟପୁରଠାରେ ଚାଲିଥିବା ଜାତୀୟ ଇ-ଗଭର୍ଣ୍ଣାନ୍ସ ସମ୍ମିଳନୀ ଆଜି ଉଦ୍‌ଯାପିତ ହେବ ।  କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଉଦ୍‌ଯାପନୀ ସଭାରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଡିଜିଟାଲ ପ୍ରଶାସନ, ଆଧୁନିକ ପ୍ରଯୁକ୍ତିବିଦ୍ୟା

ଆଧାରିତ ଆଜି ୩ଟି ପୂର୍ଣ୍ଣାଙ୍ଗ ଅଧିବେଶନ ଅନୁଷ୍ଠିତ ହେଉଛି । କେନ୍ଦ୍ର ଓ ରାଜ୍ୟର ବରିଷ୍ଠ ଅଧିକାରୀ, ଶିଳ୍ପ ବିଶେଷଜ୍ଞ, ଷ୍ଟାଟ୍‌ଅପ୍ ଏବଂ ଶିକ୍ଷା ପ୍ରତିଷ୍ଠାନର ପ୍ରତିନିଧି ଏହି ଅଧିବେଶନ ଗୁଡ଼ିକରେ ଅଂଶଗ୍ରହଣ କରୁଛନ୍ତି । ଆଜିର ଉଦ୍‌ଯାପନୀ ସମାରୋହରେ ଇ-ଗଭର୍ଣ୍ଣାନ୍ସ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପଦାଧିକାରୀ ତଥା ସଂଗଠନକୁ ପୁରସ୍କାର ପ୍ରଦାନ କରାଯିବ । ପ୍ରଶାସନିକ ସଂସ୍କାର ଓ ସାଧାରଣ ଅଭିଯୋଗ ବିଭାଗ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟ ଏବଂ ରାଜସ୍ଥାନ ସରକାରଙ୍କ ମିଳିତ ଆନୁକୂଲ୍ୟରେ ଏହି ସମ୍ମିଳନୀ ଅନୁଷ୍ଠିତ ହେଉଛି ।

## କର୍ଣ୍ଣାଟକ-ଓ୍ୱାର୍କର ଡେଥ୍

ବେଙ୍ଗାଲୁରର ଦକ୍ଷିଣ ତାଲୁକ ଅନ୍ତର୍ଗତ ଏକ ପଥର ଖଣିରେ ଦୁର୍ଘଟଣା ଘଟିବାରୁ ୭ଜଣ ଶ୍ରମିକଙ୍କର ମୃତ୍ୟୁ ହୋଇଛି । ମାଡପାଟଣା ଗାଁର କାବେରୀ କ୍ରସର ପଥରଖଣିରେ ଏକ ବଡ଼ ପଥର ଖସିପଡିବାରୁ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି । ଖଣିର ଉପରଭାଗରେ ଏହି ପଥରଟିକୁ ଘୁଞ୍ଚାଇବା ସମୟରେ ଏହା ଖସିଯାଇ ଖଣି ଖାତରେ କାର୍ଯ୍ୟକରୁଥିବା ଶ୍ରମିକଙ୍କ ଉପରେ ପଡିଥିଲା । ମୃତକ ଶ୍ରମିକଙ୍କ ଘର ବିହାର, ମଧ୍ୟପ୍ରଦେଶ ଏବଂ ଉତ୍ତର କର୍ଣ୍ଣାଟକ ଅଞ୍ଚଳର ବୋଲି ଜଣାପଡିଛି । ଆହତଙ୍କୁ ଦୁର୍ଘଟଣାସ୍ଥଳରୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି

କରାଯାଇଛି । ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡକ୍ଟର ଜି. ପରମେଶ୍ୱର ଏହି ଘଟଣାରେ ଗଭୀର ଦୁଃଖପ୍ରକାଶ କରିବା ସହ କହିଛନ୍ତି ଖଣି ମାଲିକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । କାର୍ଯ୍ୟକ୍ଷେତ୍ରରେ ଶ୍ରମିକଙ୍କୁ ସୁରକ୍ଷା ପ୍ରଦାନ କରିବାରେ ଖଣି ମାଲିକ ବିଫଳ ହୋଇଥିବା ସେ କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାରେ ଗଭୀର ଦୁଃଖପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମୃତକଙ୍କ ନିକଟ ସମ୍ପର୍କୀୟକଙ୍କ ଲାଗି ସମବେଦନା ଜ୍ଞାପନ କରିବା ସହ ଶ୍ରୀ ମୋଦୀ ଆହତଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

## ଜାମ୍ମୁକାଶ୍ମୀର-ଅମରନାଥ

ଚଳିତ ଅମରନାଥ ଯାତ୍ରାର ପ୍ରଥମ ତୀର୍ଥଯାତ୍ରୀ ଦଳ ଜାମ୍ମୁର ଭଗବତୀନଗର ଯାତ୍ରୀନିବାସ ବେସ୍ କ୍ୟାମ୍ପରୁ ଆଜି ସକାଳେ ଯାତ୍ରା ଆରମ୍ଭ କରିଛନ୍ତି । ଜାମ୍ମୁ କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ପତାକା ଦେଖାଇ ୪ହଜାର ୮୨୨ଜଣ ତୀର୍ଥଯାତ୍ରୀଙ୍କ ପ୍ରଥମ ଦଳର ଯାତ୍ରାକୁ ଶୁଭାରମ୍ଭ କରିଛନ୍ତି । ଆମ ସମ୍ବାଦଦାତା ଜଣାଇଛନ୍ତି, ୫୨ ଦିନ ଧରି ଚାଲିବାକୁ ଥିବା ଏହି ଯାତ୍ରା ନୁନୁଆ-ପହଲଗାମ ଏବଂ ବାଲତାଲ ପଥ ଦେଇ ଯାତ୍ରା କରିବେ । ଦେଶର ବିଭିନ୍ନ ପ୍ରାନ୍ତରୁ ତୀର୍ଥଯାତ୍ରୀ ଜାମ୍ମୁରେ

ଆସି ପହଞ୍ଚୁଛନ୍ତି । ବାଲତାଲ ପଥ ଦେଇ ୨ହଜାର ୩୧୨ଜଣ ଏବଂ ପହଲଗାମ ପଥ ଦେଇ ୨ହଜାର ୫୧୦ଜଣ ତୀର୍ଥଯାତ୍ରୀ ଯାତ୍ରା କରିବେ । ପ୍ରଥମ ଦଳରେ ୩ହଜାର ୭୦୭ଜଣ ପୁରୁଷ, ୮୧୬ଜଣ ମହିଳା, ୧୬ଜଣ ଶିଶୁ, ୨୪୬ଜଣ ସାଧୁ ଏବଂ ୩୭ଜଣ ସାଧ୍ୱୀ ରହିଛନ୍ତି । ଆସନ୍ତାମାସ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଯାତ୍ରା ଲାଗି କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏହାଛଡ଼ା ରହଣି ବ୍ୟବସ୍ଥା ସମେତ ସମସ୍ତ ପ୍ରକାରର ଆବଶ୍ୟକୀୟ ବନ୍ଦୋବସ୍ତ କରାଯାଇଛି । ଚଳିତବର୍ଷ ଏହି ଯାତ୍ରା ଲାଗି ଉଭୟ ଅନ୍ ଲାଇନ୍ ଓ ଅଫ୍ ଲାଇନ୍ ମାଧ୍ୟମରେ ପ୍ରାୟ ୪ ଲକ୍ଷ ଶ୍ରଦ୍ଧାଳୁ ନାମ ପଞ୍ଜିକରଣ କରିଥିବା ଜଣାଯାଇଛି ।

## ରୁଷିଆ-ୟୁକ୍ରେନ୍ ଆଟାକ

ୟୁକ୍ରେନ୍‌ର କିଭ୍ ଅଞ୍ଚଳରେ ରୁଷିଆର ବାରମ୍ବାର ଆକ୍ରମଣ ଫଳରେ ୧୩ଜଣଙ୍କର ମୃତ୍ୟୁ ହେବା ସହ ବହୁଲୋକ ଆହତ ହୋଇଥିବା ଜଣାପଡିଛି । କିଭ୍‌ର ଆବାସିକ କୋଠାଗୁଡ଼ିକ ଉପରେ ରୁଷିଆର ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଆକ୍ରମଣ ହୋଇଥିଲା । ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ କିଭ୍ ସହରର କେତେକ ସ୍ଥାନରେ ଗତ ରାତିରେ ଅନେକ ବିସ୍ଫୋରଣ ଘଟିଛି । ସମଗ୍ର ସହରରେ ବିମାନ ଆକ୍ରମଣଜନିତ ସାଇରନ ବାଜିଥିଲା । ଫଳରେ ବହୁଲୋକ ମେଟ୍ରୋ ଷ୍ଟେସନରେ ଆଶ୍ରୟ

ନେଇଥିଲେ । କିଭ୍‌ର ମେୟର ଭିଟାଲି କ୍ଲିଟ୍ସକୋ କହିଛନ୍ତି ଏକ ହୋଟେଲର ଛାତରେ ଆକ୍ରମଣ ଯୋଗୁଁ ନିଆଁ ଲାଗିଯାଇଥିଲା । ସପ୍ତାହ ପ୍ରାରମ୍ଭରେ ୟୁକ୍ରେନ୍ ପକ୍ଷରୁ ମସ୍କୋ ଉପରେ ଡ୍ରୋନ୍ ଆକ୍ରମଣ ଜବାବରେ ରୁଷିଆ ପକ୍ଷରୁ ଏଭଳି ଘନଘନ ଆକ୍ରମଣ କରାଯାଉଥିବା ଜଣାପଡିଛି ।

# ଫିଫା-ଫୁଟବଲ

ଫିଫା ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତାରେ ସହ ଆୟୋଜକ ଆମେରିକା ରାଉଣ୍ଡ ୩୨ ପର୍ଯ୍ୟାୟ ମ୍ୟାଚ୍‌ରେ ବିଜୟୀ ହୋଇଛି । ଆଜି ସକାଳେ ଖେଳାଯାଇଥିବା ମ୍ୟାଚ୍‌ରେ ଆମେରିକା ବୋସ୍‌ନିଆ-ହର୍ଜଗୋବିନାକୁ ୨-୦ ଗୋଲ୍‌ରେ ପରାସ୍ତ କରିଛି । ଏହି ବିଜୟ ସହ ଆମେରିକା ରାଉଣ୍ଡ-୧୬ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି ।

ଗତକାଲିର ମ୍ୟାଚ୍ ଗୁଡ଼ିକରେ ବେଲଜିୟମ, ଇଂଲଣ୍ଡ, ମେକ୍ସିକୋ, ଫ୍ରାନ୍ସ ଏବଂ ନରୱେ ବିଜୟୀ ହୋଇଛନ୍ତି ।

# କ୍ରିକେଟ୍

ଆଇସିସି ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଖେଳାଯିବ । ଲଣ୍ଡନର କେନିଙ୍ଗଟନ୍ ଓଭାଲଠାରେ ଇଂଲଣ୍ଡ ଏବଂ ଦକ୍ଷିଣ ଆଫ୍ରିକା ପରସ୍ପରକୁ ଭେଟିବେ । ଭାରତୀୟ ସମୟ ରାତି ୧୧ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ଏହି

ମ୍ୟାଚ୍‌ର ବିଜେତା ଅଷ୍ଟ୍ରେଲିଆକୁ ଫାଇନାଲରେ ଭେଟିବ । ଆସନ୍ତା ୫ ତାରିଖରେ ଲର୍ଡସ୍ କ୍ରିକେଟ୍ ପଡ଼ିଆରେ ଫାଇନାଲ ମ୍ୟାଚ୍ ଖେଳାଯିବ ।

## ଆଇଏମ୍‌ଡି ଓ୍ୱେଦର

ଦିଲ୍ଲୀର ସମସ୍ତ ଅଞ୍ଚଳ, ଗୁଜୁରାଟ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ହରିୟାଣା, ପଞ୍ଜାବ ଏବଂ ରାଜସ୍ଥାନର ବିଭିନ୍ନ ଅଞ୍ଚଳକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିଛି । ଭାରତୀୟ ପାଣିପାଗ ବିଭାଗ ଦେଇଥିବା ସୂଚନା ଅନୁଯାୟୀ ଦିଲ୍ଲୀର ଆଜି କେତେକ ଅଞ୍ଚଳରେ ବର୍ଷା ହେବା ସହ ଆକାଶ ମେଘୁଆ ରହିଛି । ପ୍ରବଳ ବର୍ଷା ହେବା ନେଇ ପଶ୍ଚିମ ଏବଂ ମଧ୍ୟଭାରତୀୟ ଅଞ୍ଚଳକୁ ସତର୍କ ସୂଚନା ଜାରି କରାଯାଇଛି । ଆସନ୍ତା ଶନିବାର ପର୍ଯ୍ୟନ୍ତ ବିହାର, ଆଭ୍ୟନ୍ତରୀଣ କର୍ଣ୍ଣାଟକ, ଜାମ୍ମୁକାଶ୍ମୀର, ଲଦାଖ, ଝାଡ଼ଖଣ୍ଡ, କେରଳମ୍, ମାହେ, ତେଲେଙ୍ଗାନା, ଉତ୍ତରପ୍ରଦେଶ ଏବଂ ଉତ୍ତର ପୂର୍ବାଞ୍ଚଳର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ଆକଳନ କରିଛି ।